## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି

ଅମ୍ବାଦଳା,୨୩।୯(ଡି.ଏନ୍.ଏ.)- ଗଜଲକ୍ଷ୍ମୀ ପୂଜା ନିମନ୍ତେ ଶୁକ୍ରବାର ଦିନ ଅମ୍ବାଦଳା ଗଜଲକ୍ଷ୍ମୀ ପଡ଼ିଆ ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଅକ୍ଟୋବର ୯ ରେ ବିରାଟ କଳସ ଯାତ୍ରା ସହ ମାଁଙ୍କ ପୂଜା ଆରମ୍ଭ ହେବ। ଶୁଭ ମୁହୂର୍ତ୍ତରେ ପୁରୋହିତ ବିପିନ ବିହାରୀ କର, ଅକ୍ଷୟ କୁମାର ରଥ ଓ ବିଜୟ ମିଶ୍ରଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମୁଖ୍ୟକର୍ତ୍ତା ଭାବେ ଜଗନ୍ନାଥ ଦଣ୍ଡସେନା(କାଳିଆ) ଉପସ୍ଥିତ ରହି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଶୁଭଖୁଣ୍ଟି ସ୍ଥାପନ ସହ ମାଁଙ୍କ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଛି। କମିଟିର ସମସ୍ତ ସଦସ୍ୟଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ମହିଳା ଉପସ୍ଥିତ ରହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଚଳିତ ବର୍ଷ ପୂଜାରେ ମାଁଙ୍କ ମୃଣ୍ମୟୀ ପ୍ରତିମା କିପରି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ସହ ସୁନ୍ଦର ତୋରଣ ଏବଂ ଆଲୋକମାଳାରେ ପୂଜା ମଣ୍ଡପକୁ ସୁସଜ୍ଜିତ କରାଯିବାର ବ୍ୟବସ୍ଥା କରାଯାଇଛି। ଶୁଭଖୁଣ୍ଟି ସ୍ଥାପନ ଅବସରରେ କମିଟି ପକ୍ଷରୁ ଅଞ୍ଚଳବାସୀଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଛି।

### ସେବା ପକ୍ଷରେ ସ୍ୱଚ୍ଛତା, ଚାରାରୋପଣ କାର୍ଯ୍ୟକ୍ରମ



ମୁନିଗୁଡ଼ା,୨୩।୯(ଡି.ଏନ୍.ଏ.)- ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଆୟୋଜିତ ସେବା ପକ୍ଷରେ ଶୁକ୍ରବାର ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ନିଆଳି ୟୁପି ସ୍କୁଲ ପରିସରରେ ସଫେଇ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ସଂଯୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ଭାଜପା ନେତା ତଥା କୋରାପୁଟ ପ୍ରଭାରୀ ଜି. ବୀରଭଦ୍ର ଆଚାରୀ, ଜିଲା ଉପସଭାପତି ରାମକୃଷ୍ଣ ପଣ୍ଡା, ମଣ୍ଡଳ ସଭାପତି ଜଗା ଶବର, ମୀନକେତନ ଗୌଡ଼, ସମିତିସଭ୍ୟ ସୁବାସ ପ୍ରାସ୍କା, ଗ୍ରାମ ନାୟକ ପାଣି ପିଡ଼ିକାକା, ରତନ ପ୍ରାସ୍କା, ଭଦରାମ ପାତ୍ର, ସୁକାନ୍ତ କୁଶୁଲ୍ୟା, ଯୁଧିଷ୍ଠିର ଦଳାଇ, ଗଙ୍ଗାଧର ସେଠୀ, ପ୍ରିୟରଞ୍ଜନ ସାହୁକାର, ସୁବାସ ସାହୁକାର, ଆଲିବାନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁବମୋର୍ଚ୍ଚା ସଭାପତି ନରେନ୍ଦ୍ର ନାଗ, ସମ୍ପାଦକ ଗରିବ ଗରଡ଼ିଆ, ରାକେଶ ସିକ୍କା ପ୍ରମୁଖ ନେତୃତ୍ୱ ନେଇଥିଲେ। ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

### ଯୁବ ନେତୃତ୍ୱ ବିକାଶ ଶିବିର

ଗୁଣପୁର,୨୩।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଯୁକ୍ତଦୁଇ ମହିଳା ମହାବିଦ୍ୟାଳୟଠାରେ ଯୁବ ନେତୃତ୍ୱ ବିକାଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶାଖା ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ୧୫୦ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଠାରୁ ଆସନ୍ତା ୨୫ ବର୍ଷ ଅର୍ଥାତ ସ୍ୱାଧୀନତାର ଏକ ଶହବର୍ଷ ପୂର୍ତ୍ତି ଉପଲକ୍ଷେ ଯୁବଶକ୍ତିର ସମାଜ ଓ ଦେଶ ପ୍ରତି କର୍ତ୍ତବ୍ୟ, ଦାୟିତ୍ୱ କଣ ହେବା ଉଚିତ ସେ ନେଇ ପ୍ରେରଣା ଦିଆଯାଇଥିଲା। ଅନ୍‌ଲାଇନ୍‌ରେ ଆୟେଜିତ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ବିବେକାନନ୍ଦ କନ୍ୟାକୁମାରୀ ଶାଖାର ପ୍ରତିଭା ରଥ, ରାଜେଶ ପୃଷ୍ଟି, ଜଗନ୍ନାଥ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସୁଜାତା ଦାସଙ୍କ ସମେତ ଅଧାପିକା ଏବଂ ଅଧାପକ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରେସ୍‌କ୍ଲବର ବୈଠକ

ଗୁଣପୁର,୨୩।୯(ଡି.ଏନ୍.ଏ)- ରାୟଗଡ଼ା ଜିଲା ଗୁଣପୁର ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ପ୍ରେସ୍‌କ୍ଲବର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ କ୍ଲବର ପୁର୍ନଗଠନ କରାଯାଇଥିଲା। କ୍ଲବର ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଆସନ୍ତା ଦୁଇବର୍ଷ ପାଇଁ ସଭାପତି ଭାବେ ଦେବେନ୍ଦ୍ର ଚୌଧୁରୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ସେହିପରି ସମ୍ପାଦକ ରୂପେ ରାଧାକୃଷ୍ଣ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରୂପେ ରଞ୍ଜିତ ପାଢ଼ୀ, କୋଷାଧକ୍ଷ ବିଜୟସୁନାମୁଦି, ସଂଯୋଜକ ବି.ସତିଶ କୁମାର, ଅଫିସ ସମ୍ପାଦକ ଏସ୍. ଶିବାଜୀ ଏବଂ ଉପଦେଷ୍ଟା ଭାବେ କେ.ସୋମେଶ୍ୱର ରାଓ ମନୋନିତ ହୋଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧରେ ପି. ନାଗଭୂଷଣ ରାଓ, ଗୌରାଙ୍ଗ ପାଣିଗ୍ରାହୀ, ଇନ୍ଦ୍ରଜିତ ପଣ୍ଡା, ଜନାର୍ଦ୍ଦନ ମହାପାତ୍ର, ରାଜେଶ ପାଢ଼ୀ, ଚିନ୍ମୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଗୁଣପୁର ଠାରେ ଅଭିଯୋଗ ଶୁଣାଣିରେ ଯେପରି ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିପାଇଁ କ୍ଲବ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହ ଯେଉଁମାନେ ଦୋଷୀ ସେମାନେ ଦଣ୍ଡ ପାଆନ୍ତୁ ଏବଂ ନିରୀହ ନଫସନ୍ତୁ ବୋଲି ମତ ପ୍ରକାଶ ପାଇଥିଲା।

# ହାତଠାରି ଡାକେ କାଶତଣ୍ଡି...

ବିଷମକଟକ,୨୩।୯(ଡି.ଏନ୍.ଏ.)



ମାଁ ମାର୍କମା।



କାଶତଣ୍ଡି।

ଶରତ ଆକାଶରେ ଏବେ କାଶତଣ୍ଡୀର ସମ୍ଭାର। ସବୁଜ ଧାନକ୍ଷେତର ହାତଠାରି ଡାକରା ଧରାପୃଷ୍ଠକୁ ମା' ଜଗଜ୍ଜନନୀ ଦଶଭୁଜାଙ୍କ ଆଗମନର ଦେଲାଣି ସୂଚନା। ମେଘମୁକ୍ତ ଆକାଶରେ ଚହଟିଲାଣି ପରିବେଶ। ଦିଗ୍‌ବଳୟ ଫାଙ୍କରୁ ଓଢ଼ଣା ଟେକି ମୁହଁ ଦେଖାଇଲାଣି ଶୀତ। ପ୍ରତିବର୍ଷ ମା' ଏହି ପାର୍ବଣ ଋତୁରେ ନିଜ ସନ୍ତାନଙ୍କ ଦୁଃଖ ସୁଖ ବୁଝିବା ପାଇଁ ଧରାପୃଷ୍ଠକୁ ଆସିଥାନ୍ତି। ନିଜ ସନ୍ତାନଙ୍କ ସୁରକ୍ଷା ପାଇଁ ସେ ସାଜିଥିଲେ ମହିଷାସୁର ମର୍ଦ୍ଦିନୀ। ମାଆଙ୍କ ବାହନ ସିଂହ ହୋଇଥିଲେ ମଧ୍ୟ ଅଶ୍ୱ, ନୌକା, ଗଜ, ଶାରୀ ଏହି ୪ଟି ହେଉଛି ମାଆଙ୍କ ମର୍ତ୍ତ୍ୟକୁ ଆଗମନର ମାଧ୍ୟମ । ତେବେ ପ୍ରତିବର୍ଷ ମାଆ ଏହି ୪ଟି ବାହନରୁ ଗୋଟିଏ ବାହନରେ ବିରାଜିଥାନ୍ତି। ପୂଜାମଣ୍ଡପରେ ମାଆଙ୍କ ମୃଣ୍ମୟୀ ପ୍ରତିମା ଦର୍ଶନରେ ମନପ୍ରାଣ ଉଲ୍ଲସିତ ହୋଇଯାଏ। ସେହି ମଙ୍ଗଳମୟୀ ମହାଦେବୀଙ୍କ ଶୁଭ ଆଗମନର ବାର୍ତ୍ତା ଦେଉଛି ରାୟଗଡ଼ା ଜିଲା ଦେଇ ପ୍ରବାହିତ ବଂଶଧାରା, ନାଗାବଳୀ ନଈ ପଠା, ରାସ୍ତାକଡ଼, ବିଲ ହୁଡ଼ାରେ ପଡ଼ିଛି ଯେମିତି କାଶତଣ୍ଡୀର ଧବଳବେଣୀ। ଏହାର ସ୍ପର୍ଶରେ ଶାନ୍ତ ସ୍ନିଗ୍ଧ ହୋଇ ପଡିଛି ସମଗ୍ର ଧରା। ଆନନ୍ଦ ମୁଖର ହୋଇ ଉଠୁଛି ସମଗ୍ର ପଲ୍ଲୀ । ଏହି ଆନନ୍ଦର ଅପୂର୍ବ ଧାରା ସାଧାରଣ ଜନଜୀବନ ଯେତିକି ପ୍ରଭାବିତ କରିଛି, କବି, ଲେଖକଟିଏକୁ ମଧ ସେତିକି କରିଛି ଆନମନା। ଲେଖକଟିଏ ତାଙ୍କ ଲେଖନୀରେ କାଶତଣ୍ଡୀର ସ୍ନିଗ୍ଧ ମନଲୋଭା ରୂପକୁ ତୋଳିଧରିଥିବା ବେଳେ ଚିତ୍ରକର ମଧ ଆଙ୍କିବାକୁ ଭୁଲିନାହାନ୍ତି ତାଙ୍କ କନ୍‌ଭାସରେ ରୂପସୀ କାଶତଣ୍ଡୀକୁ।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନଶିପ୍ ଉଦ୍‌ଘାଟିତ

ରାୟଗଡ଼ା ଅଫିସ,୨୩।୯

ରାୟଗଡ଼ାରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେଉଛି। ଓଡ଼ିଶା ରାଜ୍ୟସ୍ତରୀୟ ବରିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନଶିପ୍ ଶୁକ୍ରବାର ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ଏବଂ ଏସ୍‌ପି



ଜିଲାପାଳ ସ୍ୱଧା ଦେବ ସିଂ ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ଟୁର୍ନାମେଣ୍ଟର ଉଦ୍‌ଘାଟନ କରୁଛନ୍ତି।

**ରାୟଗଡ଼ାରେ ପ୍ରଥମ ଥର**

ବିବେକାନନ୍ଦ ଶର୍ମା ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଟୁର୍ନାମେଣ୍ଟ ୨୩ ରୁ ୨୫ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ। ଏଥିରେ ଓଡ଼ିଶାର ସମସ୍ତ ଜିଲାରୁ ମୋଟ ୧୮୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୨୩ ମହିଳା ପ୍ରତଯୋଗୀ ରହିଛନ୍ତି। ଟୁର୍ନାମେଣ୍ଟ ପରିଚାଳନା ନିମନ୍ତେ ରାଜ୍ୟସ୍ତରରୁ ଆସିଥିବା ମାନସ ରଞ୍ଜନ ଦାଶ, ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଅଲନୁର୍, ରାୟଗଡ଼ା ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପଣ୍ଡା, ଡିଡିସି ସଂଯୋଜକ ମନୋଜ କୁମାର ପାଢ଼ୀ, କୋଷାଧକ୍ଷ ଜେ. ଧର୍ମା, ଉପସଭାପତି ଚାନ୍ଦୁ ଏବଂ ଅନ୍ୟ କମିଟି ସଦସ୍ୟ ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜେକେ କାଗଜକଳରେ କ୍ୱାଲିଟି ସର୍କଲ କୋରାପୁଟ ଚାପ୍ଟର ସମ୍ମେଳନ

ରାୟଗଡ଼ା ଅଫିସ,୨୩।୯

ରାୟଗଡ଼ା ଜିଲା ଜେକେପୁର ସ୍ଥିତ ଜେକେ କାଗଜକଳ ଠାରେ କ୍ୱାଲିଟି ସର୍କଲ କୋରାପୁଟ ଚାପ୍ଟରର ସମ୍ମେଳନ ଏସ୍.ସି. ଜୈନ ମେମୋରିଆଲ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୨୧ ଓ ୨୨ ଦୁଇଦିନ ଧରି ଅନୁଷ୍ଠିତ ସମ୍ମେଳନରେ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନିୟମ, ଟିକିରି ସ୍ଥିତ ଉତ୍କଳ ଆଲୁମିନା, ଦମନଯୋଡ଼ି ସ୍ଥିତ ନାଲକୋ ଏବଂ ଜେକେପୁର ସ୍ଥିତ ଜେକେ କାଗଜକଳ କମ୍ପାନୀ ସମୂହର ୨୯ ଗ୍ରୁପ୍ ଭାଗ ନେଇଥିଲେ।

ପ୍ରଥମ ଦିନ ବେଦାନ୍ତ ଚିଫ୍ ଅପରେଟିଂ ଅଫିସର ଅନୁରାଗ ତିୱାରୀ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ତଥା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପ ସଭାପତି ବିନୟ ଦ୍ୱିବେଦୀ ଯୋଗ ଦେଇଥିଲେ। 'ଇଣ୍ଟିଗ୍ରେଟେଡ୍ କନ୍‌ସେପ୍ଟ ଦି ଗେଟ୍‌ୱେ ଟୁ ଗ୍ଲୋବାଲ ଲିଡରଶିପ୍' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମେଳନରେ ବେଦାନ୍ତର ରେସର୍ ଟିମ୍ ପ୍ରଥମ ହୋଇଥିବା ବେଳେ ଜେକେ କାଗଜକଳର ସ୍ପାର୍କଲ ଟିମ୍ ଦ୍ୱିତୀୟ ଏବଂ ନାଲକୋର ଡିସ୍କଭରି ଟିମ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପ ସଭାପତି କୃତୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଜେକେ କଗେଜକଳର ଜିଏମ୍(ଏଚ୍‌ଆଇଆର୍) ସନ୍ଦୀପ ପାଣ୍ଡେ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କୃତୀ ଟିମ୍ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ଆରଟିଓ ପକ୍ଷରୁ ତଦନ୍ତ ଆରମ୍ଭ

**କାର ଚୋରି କରି ବେନାମି କାଗଜପତ୍ରରେ ବିକ୍ରି ଘଟଣା**

କୋରାପୁଟ/ସୁନାବେଡା,୨୩।୯(ସ୍ୱ.ପ୍ର.)

କୋରାପୁଟ ଜିଲାର ସୁନାବେଡା ଅଞ୍ଚଳରୁ ଚୋରି ହୋଇଥିବା ଏକ ମାରୁତି ଅଲୋଟ କାରକୁ ବେନାମୀ କାଗଜପତ୍ର କରି ଅନ୍ୟ ଜଣଙ୍କୁ ବିକ୍ରି କରିବା ଘଟଣାରେ ଗୁରବାର ସୁନାବେଡା ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଏହି ଘଟଣାର ତଦନ୍ତ କୋରାପୁଟ ଆଞ୍ଚଳିକ ଅଧିକାରୀ ପ୍ରସନ୍ନ ଦାସ (ଆରଟିଓ) ଆରମ୍ଭ କରିଛନ୍ତି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ନ ଯାଇ କିପରି ଗାଡିର ମାଲିକାନା ବଦଳିଯାଇଥିଲା ଏବଂ ଏକ ଜନସେବା କେନ୍ଦ୍ରରେ ଉପରୋକ୍ତ ଚୋରି କାରର ମାଲିକାନା ବଦଳିବା କିପରି ସମ୍ଭବ ହେଲା ତାହାର ଖୋଳତାଡ ହୋଇଛି। ସୁନାବେଡା ଥାନା ଏସଆଇ ସଞ୍ଜୀବ କୁମାର ବେହେରା ମଧ ଆରଟିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆରଟିଓ ଦାସ ଓ ଏମଭିଆଇ ତପନ କୁମାର ବେଟିଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଗତ ବର୍ଷ ସେପ୍ଟେମ୍ବର ୨୩ ତାରିଖରେ ସେମିଳିଗୁଡାର ଜଗୁ ହନ୍ତାଳଙ୍କ କାର ଚୋରି ହୋଇଥିଲା। ରାତିରେ ସେ ନିଜ ସାଙ୍ଗ ସହ ସେମିଳିଗୁଡା କଲେଜ ନିକଟରେ ବସିଥିବାବେଳେ ୫ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ସେମାନଙ୍କୁ ଗାଡି ସହ ଅପହରଣ କରିନେଇଥିଲେ। ପରେ ବାଟରେ ତାଙ୍କଠାରୁ ଗୋଟିଏ ମୋବାଇଲ ଓ ଟଙ୍କା ଛଡାଇ ନେଇ ଦାମନଯୋଡି ନିକଟରେ ଛାଡି କାର ସହ ଫେରାର ହୋଇଯାଇଥିଲେ । ଏହାର ଦୁଇ ଦିନ ପରେ ଜଗୁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାରେ ଛାନଭିନ କରି ଦଣ୍ଡାସିଗୁଡାର ପିଣ୍ଟୁ ହନ୍ତାଳ ନାମକ ଯୁବକଙ୍କୁ ପଚରାଉଚରା କରିବାରୁ ସେ କାର ଚୋରି କରିଥିବା ସ୍ୱୀକାର କରିଥିଲେ।

# ଚିତ୍ରକୋଣ୍ଡା ବ୍ଲକ ଅଫିସ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ

ଚିତ୍ରକୋଣ୍ଡା/ମାଲକାନଗିରି, ୨୩। ୯ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ସିପିଆଇଏମ ପକ୍ଷରୁ ୧୬ ଦଫା ଦାବି ନେଇ ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ସିପିଆଇଏମ ଜିଲା ସମ୍ପାଦକ ବ୍ରଜ ମଝିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଚିତ୍ରକୋଣ୍ଡା ବ୍ଲକ କର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରଦତ୍ତ ୧୬ ଦଫା ସମ୍ବଳିତ ଦାବିପତ୍ରରେ ଚାଷୀମାନଙ୍କୁ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପ୍ରଦାନ, ଲାଭଦାୟକ ଫସଲ ଉତ୍ପାଦନ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ, ପ୍ରତ୍ୟେକ ପଞ୍ଚାୟତରେ ଚାଷୀମାନଙ୍କ ଚାଷ ପାଇଁ ଢେପ ଜମିକୁ ସମତଳ କରିବା, ପ୍ରତି ଭୂମିହୀନ ପରିବାରକୁ ଚାଷ ଜମି ଓ ସମସ୍ତଙ୍କ ପାଇଁ ପକ୍କା ଘର ଯୋଗାଇ ଦେବା, ଜଙ୍ଗଲ ଆଇନ – ୨୦୦୬ ଅନୁଯାୟୀ ଆଦିବାସୀ ମାନଙ୍କୁ ୧୦ ଏକର ପର୍ଯ୍ୟନ୍ତ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ,ବିଧବା , ବାର୍ଦ୍ଧକ୍ୟ ଭତ୍ତା ମାସିକ ୩ ହଜାରଟଙ୍କା କରିବା, ପୂର୍ବ ପୁରୁଷଙ୍କ ନାମରେ ଥିବା ଘରଡିହ ଜମି ତାଙ୍କ ଉତ୍ତରାଧିକାରୀଙ୍କ ନାମରେ ପରିବର୍ତ୍ତନ କରିବା, ଆଦିବାସୀଙ୍କୁ ଜାତି ପ୍ରମାଣପତ୍ର ସହଜରେ ପ୍ରଦାନ କରିବା, ବେଆଇନ ପଥର ଫୁଟାଇବା ବନ୍ଦ କରିବା, ହସପିଟାଲରେ ସବୁ ବିଭାଗରେ ସ୍ପେସାଲିଷ୍ଟ ଡାକ୍ତର , ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ସହ ଅନ୍ୟାନ୍ୟ ଦାବି ରହିଛି। ଏହି ବିକ୍ଷୋଭରେ ସି.ପି.ଆଇ.(ଏମ)ର ଆଦିବାସୀ ଅଧିକାର ମଞ୍ଚର ରାଜ୍ୟ ସଭାପତି ସାଲ ମାର୍ଣ୍ଡି, ରଘୁନାଥ ହନ୍ତାଳ, ବଳରାମ ଗୋଲାରି, ଭୁପେଶ କର୍ମକାର, କୁଷ୍ଣ ପାଙ୍ଗି,ଘେନୁ ମୁଦୁଲିଙ୍କ ସହିତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଭୋଟର ସଚେତନତା ରଥ ଶୁଭାରମ୍ଭ




ଗୁଣପୁର,୨୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଭୋଟର ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଗୁଣପୁର ଭାରପ୍ରାପ୍ତ ଉପଜିଲାପାଳ ଲୋକନାଥ ଦଳବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ, ଭୋଟର କାର୍ଡ ସହ ଆଧାର ସଂଯୋଗ ଏବଂ ଭୋଟର ସଚେତନତା ନିମନ୍ତେ ଏହି ରଥ ଗୁଣପୁର ବିଧାନସଭା ସହ ବିଷମକଟକ ବିଧାନସଭା ନିର୍ବାଚନ ମଣ୍ଡଳି ପରିକ୍ରମା କରିବ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶରତ ଚନ୍ଦ୍ର ନାୟକ, ଉପ ବିଭାଗୀୟ ଅଧିକାରୀ ମନୋରଞ୍ଜନ କାର୍ଯୀ, ନିର୍ବାଚନ ବିଭାଗର ସହାୟକ ସୁଶାନ୍ତ କୁମାର ଦାସ, ପ୍ରସନ୍ନ କୁମାର ପଣ୍ଡାଙ୍କ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

## ଜୀବନ ଥିବା ପର୍ଯ୍ୟନ୍ତ କଂଗ୍ରେସ ଛାଡ଼ିବାର ନାହିଁ: ଉମ୍ବରୁଧର

ମୁନିଗୁଡ଼ା, ୨୩।୯(ଡି.ଏନ୍.ଏ.)



ପୂର୍ବତନ ବିଷମକଟକ ବିଧାୟକ ତଥା ଟାଣୁଆ କଂଗ୍ରେସ ନେତା ଉମ୍ବରୁଧର ଉଲାକା କଂଗ୍ରେସ ଦଳ ଛାଡ଼ି ବିଜେଡିରେ ଯୋଗଦେବେ ବୋଲି ଅଞ୍ଚଳରେ ପ୍ରଚାର ହେଉଥିବାବେଳେ ଖୋଦ୍ ଉମ୍ବରୁଧର ଶୁକ୍ରବାର ଏହାକୁ ଖଣ୍ଡନ କରିଛନ୍ତି। ପ୍ରେସ୍ ବିବୃତ୍ତି ଜାରିକରି ଏହା ମିଛ ବୋଲି ଉମ୍ବରୁଧର କହିଛନ୍ତି। ୫୫ ବର୍ଷ ହେଲା କଂଗ୍ରେସ ଦଳ ସହ ସମ୍ପର୍କ। ଜୀବନ ଥିବା ପର୍ଯ୍ୟନ୍ତ କଂଗ୍ରେସ ଛାଡ଼ିବାର ନାହିଁ ବୋଲି ସେ କହିଛନ୍ତି। ଉମ୍ବରୁଧର ଆହୁରି ମଧ କହିଛନ୍ତି, ପୁଅ ଅସୁସ୍ଥ ଥିବାରୁ ଭୁବନେଶ୍ୱର ଠାରେ ସେ ଚିକିତ୍ସାଧୀନ ଥିବା କ୍ଲିନିକ୍‌କୁ ସେପ୍ଟେମ୍ବର ୧୬ ରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର ଦାସ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହାପରେ ଦୁହେଁ କ୍ଲିନିକ୍ ନିକଟସ୍ଥ ବାସଭବନକୁ ଆସି ସୌଜନ୍ୟ ମୂଳକ ଭାବେ ସାକ୍ଷାତ କରିଥିଲେ। ଏହି ସମୟର ଫଟୋକୁ ନେଇ ମିଛ ପ୍ରଚାର କରାଯାଉଛି ବୋଲି ଉମ୍ବରୁଧର ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। କଂଗ୍ରେସ ଦଳରେ ଥିବା ତାଙ୍କ ଅମଳିନ ଚେହେରାକୁ ବଦନାମ କରିବାକୁ ବିରୋଧୀଙ୍କ ଏହା ଏକ ହୀନ ଚକ୍ରାନ୍ତ ବୋଲି ଉମ୍ବରୁଧର କହିଛନ୍ତି।

# ୨୫ ଘଣ୍ଟା ପରେ ଅନଶନ ଭାଙ୍ଗିଲେ ପ୍ରଧାନ ଶିକ୍ଷକ



ପଦ୍ମପୁର,୨୩।୯(ଡି.ଏନ୍.ଏ.)

- ୫ ଦିନ ମଧରେ ଦରମା ନେଇ ଡିଇଓଙ୍କ ପ୍ରତିଶ୍ରୁତି
- ସ୍କୁଲ ଆଗରେ ଅନଶନ ଘଟଣା

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଗୁଡ଼ିଆବନ୍ଧ ସ୍ଥିତ ବସନ୍ତ ଦେବୀ ବିଦ୍ୟାପୀଠରେ ଶିକ୍ଷକମାନଙ୍କୁ ୫ ମାସ ହେଲା ଦରମା ନ ମିଳିବା ପ୍ରତିବାଦରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀ ଗୁରୁବାର ଅନଶନରେ ବସିଥିଲେ। ୫ ଦିନ ମଧ୍ୟରେ ଦରମା ମିଳିବ ବୋଲି ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଠାରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ପ୍ରଧାନ ଶିକ୍ଷକ ୨୫ ଘଣ୍ଟା ପରେ ଶୁକ୍ରବାର ଅନଶନ ଭଙ୍ଗ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରଧାନ ଶିକ୍ଷକଙ୍କ ସମେତ ସ୍କୁଲର ଅନ୍ୟ ଶିକ୍ଷକମାନଙ୍କୁ ୨୦୨୨ ଜାନୁୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ସୁପାରିଶ ଭିତ୍ତିରେ ଦରମା ପ୍ରଦାନ କରାଯାଇଥିଲା। ପରେ କୌଣସି କାରଣରୁ ତାହାକୁ ଅସିଦ୍ଧ ଦର୍ଶାଇ ଦରମା ଟଙ୍କାରୁ ଅତିରିକ୍ତ ଟଙ୍କା ଫେରସ୍ତ ନିଆଯିବ ବୋଲି ଜଣାପଡ଼ିଥିଲା। ଏହାର ବିରୋଧରେ ସ୍କୁଲର ୧୧ ଶିକ୍ଷକ ହାଇକୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟ ସେମାନଙ୍କ ଦରମା ପ୍ରଦାନକୁ ସ୍ୱୀକୃତି ପ୍ରଦାନ କରିଥିଲେ ମଧ କୋର୍ଟ ଆଦେଶକୁ ଅବମାନନା କରାଯାଇ ସେମାନଙ୍କୁ ୫ ମାସ ହେଲା ଦରମା ଦିଆଯାଉ ନାହିଁ। ଏହାର ପ୍ରତିବାଦରେ ପ୍ରଧାନ ଶିକ୍ଷକ ଶତପଥୀ ଗୁରୁବାର ଅପରାହ୍ନରୁ ଅନଶନରେ ବସିଥିଲେ। ତେବେ ପ୍ରଧାନ ଶିକ୍ଷକଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତାଙ୍କ ଉପରେ ନଜର ରଖାଯାଇଥିଲା। ଶୁକ୍ରବାର ଡିଇଓଙ୍କ ସମେତ ବିଇଓ ସୁବାସ ଚନ୍ଦ୍ର ଶବର, ଭ୍ରାମ୍ୟମାଣ ଡାକ୍ତରୀ ଦଳ, ପୋଲିସ ଓ ଶିକ୍ଷକଙ୍କ ଉପସ୍ଥିତିରେ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଅନଶନରୁ ଉଠିଥିଲେ।

# ଜିଲାର ପ୍ରଥମ ଆଞ୍ଚଳିକ ସାଧନ ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବିଷମକଟକ,୨୩।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ କୁତ୍ରାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜିଲାର ପ୍ରଥମ ଆଞ୍ଚଳିକ ସାଧନା ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଷମକଟକ ବିଇଓ ବଟକୃଷ୍ଣ ପଣ୍ଡା ଯୋଗଦେଇ ଏହର ଉଦ୍‌ଘାଟନ କରିଥିଲେ। ଏଥିସହ ଅଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଅପରାହ୍ନ ୨ଟାରୁ ୪ ଟା ପର୍ଯ୍ୟନ୍ତ ଏକ ଦକ୍ଷତା ଉନ୍ନୟନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ବଳ କେନ୍ଦ୍ର ରୂପାନ୍ତରିକରଣରେ ମୁଖ୍ୟ ଅତିଥି ଭାବେ ବିଇଓ, ସମ୍ମାନିତ ଅତିଥି ରୂପେ ଏବିଇଓ ମଦନ ପାଣି ଓ ଇନ୍ଦ୍ରଜିତ ନାଏକଙ୍କ ସମେତ ମୁଖ୍ୟବକ୍ତା ଭାବେ ଲିଭୋଲିଙ୍ଗ୍ ଫାଉଣ୍ଡେସନର ରାଜ୍ୟ ମୁଖ୍ୟ ପ୍ରଦୀପ୍ତ ସୁନ୍ଦର ରାଏ, ବ୍ଲକ ସଂଯୋଜକ ରାଜେଶ ମଲିକ ଓ ଉପେନ୍ଦ୍ର ଦଳାଇ ଉପସ୍ଥିତ ଥିଲେ। ବୈଠକଟି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆନନ୍ଦ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଏବଂ କୁତ୍ରାଗଡ଼ ୟୁପି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିଲା। ଦକ୍ଷତା ଉନ୍ନୟନ ତାଲିମ ଶିବିରକୁ ଶିକ୍ଷକ ପ୍ରଶିକ୍ଷକ ଜଗନ୍ନାଥ ମେହେର ଓ ପ୍ରଶିକ୍ଷକ ରାଜେଶ କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି, କୁତ୍ରାଗଡ଼ ସରପଞ୍ଚ, ପାଇକ ଡାକୁଲୁଗୁଡ଼ା ସରପଞ୍ଚଙ୍କ ସମେତ ବିଷମକଟକ ବ୍ଲକର ସିଆର୍‌ସିସି ଉପସ୍ଥିତ ଥିଲେ। କୁସୁମୁଗୁଡ଼ି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରାଙ୍ଗ ରାଉତ ବୈଠକକୁ ପରିଚାଳନା କରିଥିଲେ ଏବଂ ବୁଢ଼ାହଡ଼ା ୟୁପି ସ୍କୁଲର ଶିକ୍ଷକ କାଳିନ୍ଦୀ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ଚିତ୍ରକୋଣ୍ଡା,୨୩।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଗୋରାସେତୁ ଓ ପଣସପୁଟ ଠାରେ ୩୮୦ ଜଣ ହିତାଧିକାରୀଙ୍କୁ ଶୁକ୍ରବାର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲୁ, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ମାଥିଲି ବ୍ଲକ ଅଧକ୍ଷ ମହେଶ ବାକା, ତହସିଲଦାର ଟି ପଦ୍ମନାଭ ଦୋରା, ପଣସପୁଟ ସରପଞ୍ଚ ଅର୍ଜୁନ ହନ୍ତାଳ, ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଆଗରେ ଲାଞ୍ଜିଆ ସୌରାଙ୍କ ଧାରଣା

ଗୁଣପୁର,୨୩।୯(ଡି.ଏନ୍.ଏ.)

ଆଦିମ ଜନଜାତି ଲାଞ୍ଜିଆ ସୌରା ବର୍ଗର ଲୋକଙ୍କ ଜୀବନ ଜୀବିକା, ସାମାଜିକ, ଆର୍ଥିକ, କୃଷି ଭିତ୍ତିକ ଉନ୍ନତି ସାଧନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା(ଏଲ୍‌ଏସ୍‌ଡିଏ), ଓଡ଼ିଶା ସଶକ୍ତୀକରଣ ଓ ଜୀବିକା ମିଶନ ଭଳି ଅନେକ ଉପ ବିଭାଗ କରିଛନ୍ତି। ଏଥିରେ ଅନେକ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ଏ ବାବଦରେ ଅନୁଦାନ ମଧ ଯୋଗାଇ ଦିଆଯାଉଛି। ହେଲେ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଆଦିମ ଜନଜାତିର ଲୋକେ। କର୍ମଚାରୀମାନେ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରି ଶୁକ୍ରବାର ପୁଟାସିଂ ସ୍ଥିତ ଏଲ୍‌ଏସ୍‌ଡିଏ କାର୍ଯ୍ୟାଳୟ ସମ୍ମୁଖରେ ଲାଞ୍ଜିଆ ସୌରା ବର୍ଗର ଲୋକେ ଧାରଣାରେ ବସିଥିଲେ। ସମସ୍ୟା ସମାଧାନର ପ୍ରତିଶ୍ରୁତି ପରେ ଧାରଣାରୁ ହଟିଛନ୍ତି।



ଏଲ୍‌ଏସ୍‌ଡିଏ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ଲାଞ୍ଜିଆ ସୌରା ଲୋକେ।

**ସଂସ୍ଥାରେ ମନମୁଖୀ କାର୍ଯ୍ୟ ଅଭିଯୋଗ**

କର୍ମଚାରୀ ମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା, ଶଗଡ଼ା ଗ୍ରାମର ହିଲ୍ କିଙ୍ଗ୍ ଏସ୍‌ଏଚ୍‌ଜି ମହିଳାଙ୍କୁ ଧାନକଟା ଯନ୍ତ୍ର ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦେଇ ଭଣ୍ଡେଇବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଥର ବନ୍ଧ କାର୍ଯ୍ୟର ପ୍ରାପ୍ୟ ନ ଦେବା, ଉନ୍ନୟନ ସଂସ୍ଥାରେ କାର୍ଯ୍ୟ କରୁଥିବା ପିଅନ, ଗାଡ଼ି ଚାଳକ, ରାତ୍ରି ଜଗୁଆଳି ଓ ୫ ଏମ୍‌ପିଡବ୍ଲୁଙ୍କୁ ବିନା ସର୍ତ୍ତରେ କାର୍ଯ୍ୟରୁ ଅନ୍ତର କରିବା, ସମସ୍ତ ଭିଡିସି କମିଟି ସଭାପତି ଭାବେ ଅଶିକ୍ଷିତ ମହିଳାଙ୍କୁ ରଖିବା ଯୋଗୁ କାର୍ଯ୍ୟରେ ବାଧା ସୃଷ୍ଟି ହେବା ଭଳି ଗୁରୁତର ଅଭିଯୋଗ ଲାଞ୍ଜିଆ ସୌରା ବର୍ଗର ଲୋକଙ୍କ ପକ୍ଷରୁ କରାଯାଇଥିଲା। ଶଗଡ଼ା ଓ ପୁଟାସିଂ ପଞ୍ଚାୟତର ଜନ ପ୍ରତିନିଧି ଏବଂ ଅଞ୍ଚଳବାସୀ ଦିବସ ରାଇକା, ମାଥ୍ୟୁ ଦଳବେହେରା, ଜୁନେସ ଶବର, ମିଖାଏଲ ଗମାଙ୍ଗ, ଇର୍‌ଫାନ ଗମାଙ୍ଗ, ସୁରିନ କାର୍ଯୀ, ସୋମନାଥ ଗମାଙ୍ଗ ଓ ରାଜେଶ ଗମାଙ୍ଗଙ୍କ ନେତୃତ୍ୱରେ ଲାଞ୍ଜିଆ ସୌରା ଲୋକେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ପରେ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଓ ଜୀବିକା ମିଶନର ଅଧିକାରୀ ସମସ୍ୟା ସମାଧାନର ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କଲେ ପାପ୍ ଅଧ୍ୟକ୍ଷ

**ମାଲକାନଗିର, ୨୩।୯(ଡି.ଏନ୍.ଏ./ସ୍ୱ.ପ୍ର.)**

**ପୋଲାଭରମ ପ୍ରସଙ୍ଗ**
- ଆଦିବାସୀଙ୍କ ପାଇଁ ଉପୁଜିବାକୁ ଥିବା ସମସ୍ୟା ସମ୍ପର୍କରେ ବୁଝାଇଲେ
- ତତ୍କାଳୀନ ଉପା ସରକାର ଦେଇଥିଲେ ଜାତୀୟ ପ୍ରକଳ୍ପ ମାନ୍ୟତା
- ପ୍ରଭାବିତ ହେବେ ୪ ରାଜ୍ୟର ଆଦିମ ଜନଜାତି

ପୋଲାଭରମ ଡ୍ୟାମ ପ୍ରକଳ୍ପ ଦ୍ୱାରା ଆଦିମ ଜନଜାତିମାନେ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ନେଇ କେନ୍ଦ୍ର ଆଦିବାସୀ କଲ୍ୟାଣ ବ୍ୟାପାର ମନ୍ତ୍ରୀ ରେଣୁକା ସିଂ ସାରୁତାଙ୍କ ସହ ପିପୁଲ ଏଗେନେଷ୍ଟ ପୋଲାଭରମ୍ ପ୍ରଜେକ୍ଟ (ପାପ୍) ସଙ୍ଗଠନର ଜାତୀୟ କମିଟି ଅଧ୍ୟକ୍ଷ ପ୍ରଭାକର ହନ୍ତାଳ ଆଲୋଚନା କରିଛନ୍ତି। ଆନ୍ଧ୍ର ପ୍ରଦେଶର ଆରୁକୁଠାରେ ଆୟୋଜିତ ଜାତୀୟସ୍ତରୀୟ ଆଦିବାସୀ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ରମନ୍ତ୍ରୀଙ୍କ ସହ ସେ ଏକ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଏହି ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଆଦିବାସୀମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେବେ ସେ ସମ୍ପର୍କରେ ହନ୍ତାଳ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, ୨୦୧୪ରେ ତତ୍କାଳୀନ ଉପା ସରକାର ପୋଲାଭରମ ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପର ମାନ୍ୟତା ପ୍ରଦାନ କରିଥିବାରୁ ବର୍ତ୍ତମାନର ଆନ୍ଧ୍ର ସରକାର ବିସ୍ଥାପିତ କିମ୍ବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଓ ଥଇଥାନ ସଂକ୍ରାନ୍ତରେ କେନ୍ଦ୍ରକୁ ଦାୟୀ କରିଛନ୍ତି। ଆନ୍ଧ୍ର, ଓଡ଼ିଶା, ଛତିଶଗଡ ଓ ତେଲେଙ୍ଗଣା ୪ଟି ରାଜ୍ୟର ଲକ୍ଷାଧିକ ଆଦିମ ଜନଜାତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପୋଲାଭରମ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ କେନ୍ଦ୍ରମନ୍ତ୍ରୀ ରେଣୁକା ସିଂ ସାରୁତାଙ୍କୁ ପାପ ଅଧ୍ୟକ୍ଷ ହନ୍ତାଳ ଅନୁରୋଧ କରିଥିଲେ। ଏହି ସମୟରେ ଜାତୀୟ ଆଦିବାସୀ ମିଳିତ କ୍ରିୟାନୁଷ୍ଠାନ କମିଟିର ଆନ୍ଧ୍ରପ୍ରଦେଶ ଶାଖା ଅଧ୍ୟକ୍ଷ ରାମ ଗୋପାଲ ଗାଡୁତୁରି ଉପସ୍ଥିତ ଥିଲେ।



ପାପ୍ ଅଧ୍ୟକ୍ଷ କେନ୍ଦ୍ରମନ୍ତ୍ରୀ ରେଣୁକା ସିଂ ସାରୁତାଙ୍କୁ ଭେଟୁଛନ୍ତି ।

## ସଂକ୍ଷେପରେ

### ମନ୍ତ୍ରୀ ତୁଷାରକାନ୍ତି ବେହେରା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ

ମାଲକାନଗିରି,୨୩।୯(ସ୍ୱ.ପ୍ର.)- ମାଲକାନଗିରି ଜିଲା ଯୋଜନା ବୋର୍ଡରେ ଅଧକ୍ଷ ଭାବେ ରାଜ୍ୟ କ୍ରୀଡା ଓ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମନୋନୀତ ହୋଇଛନ୍ତି। ବେହେରା ଦ୍ୱିତୀୟ ଥର ପାଇଁ ଜିଲା ଯୋଜନା ବୋର୍ଡ ଅଧକ୍ଷ ହୋଇଛନ୍ତି। ଦୀର୍ଘ ଦିନ ହେଲା ଏହି ପଦବୀ ଖାଲି ପଡିଥିଲା। ଫଳରେ ଜିଲାରେ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ଠପ ହୋଇ ପଡିଥିଲା। ଏବେ ବେହେରା ପୁଣି ଏହି ଦାୟିତ୍ୱ ନେଇଥିବାରୁ ଜିଲାରେ ଉନ୍ନୟନ କାର୍ଯ୍ୟ ସୂଚାରୁରୂପେ ହେବ ବୋଲି ଆଶା କରାଯାଉଛି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

କୋଟପାଡ଼, ୨୩।୯(ଡି.ଏନ.ଏ. )- କୋରାପୁଟ ଜିଲ୍ଲା କୋଟପାଡ଼ ଗିର୍ଲା ପଞ୍ଚାୟତ ନିକଟରେ ଶୁକ୍ରବାର ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଘଟର୍ଲା ଗ୍ରାମର ଜଗବନ୍ଧୁ ସମରଥ (୪୫)। ସେ ଏକ ସାଇକେଲରେ ଖତ କିଣିବାକୁ ଚିତାଗାଁ ଗ୍ରାମକୁ ଆସିଥିଲେ। ଖତ ନ ମିଳିବାରୁ ଗ୍ରାମକୁ ଫେରୁଥିଲେ। ମାତ୍ର ଗିର୍ଲା ଗ୍ରାମର ଠୋକଦୁକୁଲାହାଣ୍ଡି ଛକ ନିକଟରେ ରାସ୍ତା ଉପରେ ମୁମୂର୍ଷୁ ଅବସ୍ଥାରେ ପଡି ରହିଥିବା ଦେଖି କେହି ଜଣେ ବ୍ୟକ୍ତି ଘଟର୍ଲା ଗ୍ରାମ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଜଗବନ୍ଧୁଙ୍କୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ଜଗବନ୍ଧୁଙ୍କ ସାଇକେଲ ଗୋଟିଏ ସ୍ଥାନରେ ପଡ଼ିଥିବା ବେଳେ ସେ କିଛି ଦୂରରେ ଘୋଷାଡ଼ି ହୋଇପଡ଼ିଥିବା ଦେଖିବାକୁ ମିଳିଛି। ତାଙ୍କୁ କୌଣସି ଅଜଣାଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଜଗବନ୍ଧୁଙ୍କ ସ୍ତ୍ରୀ ଶୁକଲ ସମରଥ କୋଟପାଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ତଦନ୍ତ ହେବ ବୋଲି ଆଇଆଇସି ଶେଷଦେବ ବେହେରା କହିଛନ୍ତି।

### ୫୨୦ କେଜି ଗଞ୍ଜେଇ ଜବତ

ଜୟପୁର,୨୩।୯ (ନି.ପ୍ର.)-ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ପାତ୍ରପୁଟ ନିକଟରେ ଚଢ଼ାଉ କରି ୫୨୦ କେଜି ଗଞ୍ଜେଇ ଜବତ କରିଛି। ତେବେ ପୋଲିସକୁ ଦେଖି ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖବରରୁ ଜଣାପଡିଛି, ଗଞ୍ଜେଇ ଚୋରାଚାଲାଣ ହେଉଥିବା ସମ୍ପର୍କରେ ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ପାଇ ଟିମ୍ ନେଇ ପାତ୍ରପୁଟ ନିକଟରେ ଚଢାଉ କରିଥିଲେ। ପୋଲିସକୁ ଦେଖି ଚାଲାଣକାରୀମାନେ ୨ଟି ଗଞ୍ଜେଇ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ପରେ ପୋଲିସ ଗାଡ଼ି ଯାଞ୍ଚ କରି ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏଥିରେ ବିନା ନମ୍ବରରେ ବ୍ୟବହୃତ ଗାଡ଼ିକୁ ମଧ ଜବତ କରାଯାଇଛି। ଏନେଇ ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଥିବା ତାଣ୍ଡି କହିଛନ୍ତି।

### ବ୍ଲକ ବିଜେଡିର କାର୍ଯ୍ୟକାରିଣୀ ବୈଠକ

କୁନ୍ଦୁରା,୨୩।୯ (ଡି.ଏନ୍.ଏ.)-କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପଠାରେ କୁନ୍ଦୁରା ବ୍ଲକ ବିଜୁ ଜନତା ଦଳ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ



ପୂର୍ବତନ ମନ୍ତ୍ରୀ ତଥା କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ପର୍ଯ୍ୟବେକ୍ଷକ ସୂର୍ଯ୍ୟନାରାୟଣ ରଥ, ମହିଳାନେତ୍ରୀ ଲତା ରାୟ, ବ୍ଲକ ଯୁବ ସଭାପତି ରମାକାନ୍ତ ମିଶ୍ର,ଏମ୍ପି ପ୍ରତିନିଧି ନରେନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ କନକଲତା ପେଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ସାଧାରଣ ନିର୍ବାଚନ ରହିଥିବା ବେଳେ ବିଜେଡିକୁ ଯେପରି ଅଧିକରୁ ଅଧିକ ସଫଳତା ମିଳିବ ସେ ନେଇ ଆଲୋଚନା ହୋଇଥିଲା। ପଞ୍ଚାୟତ ସ୍ତରରୁ ଜିଲା ସ୍ତର ପର୍ଯ୍ୟନ୍ତ ସମସ୍ତେ ମିଶି ଅଞ୍ଚଳର ବିକାଶକରି ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ଦୃଷ୍ଟିଦେବାକୁ କର୍ମୀଙ୍କୁ ଅବଗତ କରାଯାଇଥିଲା। ବିରୋଧୀ ସବୁ ସମୟରେ ଶାସକ ଦଳର ନେତୃବୃନ୍ଦଙ୍କୁ ସମାଲୋଚନା କରୁଛନ୍ତି। ସେମାନଙ୍କୁ ସେତିକିରେ ରହିବାକୁ ଦେଇ ନିଜେ ନିଜର କର୍ତ୍ତବ୍ୟ କଲେ ଆମେ ଲୋକଙ୍କ ନିକଟତର ହୋଇପାରିବା ବୋଲି ଜିଲା ସଭାପତି ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେ ସେଲ୍ ସଭାପତି ବିକ୍ରମ ବେହେରା, ବୈକୁଣ୍ଠ ମଣ୍ଡଳ, ଉମା ଦାସ, ଉମାକାନ୍ତ ମିଶ୍ର, ସୁଭଦ୍ରା ଭୂମିଆ, ବୃନ୍ଦାବନ ପ୍ରଧାନ, ଅଜୟ ସାହୁ, ପୀତାମ୍ବର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ‘ବହିଷ୍କାର କରିବା ଠିକ୍ ହୋଇନାହିଁ’

**ବିଜେଡିରୁ ୨ ନେତାଙ୍କୁ ବହିଷ୍କାର କରିବା ଘଟଣା**

**କୋରାପୁଟ,୨୩।୯(ସ୍ୱ.ପ୍ର.)**

କୋରାପୁଟ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ତ୍ରିନାଥ ପାତ୍ର ଓ ପୂର୍ବତନ କାଉନସିଲର ରାମଚନ୍ଦ୍ର ମାଝିଙ୍କୁ ଗତ ଦୁଇ ଦିନ ତଳେ ଦଳ ବିରୋଧୀ ବୈଠକ ଓ ମନ୍ତବ୍ୟ ପାଇଁ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ଏହି ବହିଷ୍କାର ସମ୍ପର୍କରେ ଶୁକ୍ରବାର ଉଭୟ ନେତା ମୁହଁ ଖୋଲିଛନ୍ତି। ଏପରି ବହିଷ୍କାର କରିବା ଠିକ କଥା ନୁହେଁ ବୋଲି ସ୍ଥାନୀୟ ପ୍ରେସ କ୍ଲବ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉଭୟେ ପ୍ରକାଶ କରିଛନ୍ତି। ଏନେଇ ପୂର୍ବତନ କାଉନସିଲର ମାଝି ଓ ବରିଷ୍ଠ ନେତା ପାତ୍ର କହିଛନ୍ତିଯେ, ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ ସେମାନଙ୍କୁ ନ ପଚାରି ଏ ସମ୍ପର୍କରେ ଆଲୋଚନା ନ କରି ଦଳର ପ୍ରାଥମିକ ସଦସ୍ୟରୁ ବହିଷ୍କୃତ କରିବା ଠିକ୍ ହୋଇନାହିଁ। ଏନେଇ ଉଭୟ ନେତା ଉଦବେଗ ପ୍ରକାଶ କରିଛନ୍ତି। ଗତ ୧୮ ତାରିଖରେ ବିଜେଡିକୁ ମଜବୁତ କରିବା ସହ ଆଗାମୀ ନିର୍ବାଚନରେ ଭଲ ଯେପରି ଭଲ ପ୍ରଦର୍ଶନ କରିବ ସେନେଇ ଗ୍ରାମାଞ୍ଚଳରେ ଥିବା ବିଜେଡି କର୍ମୀମାନଙ୍କ ସହ ବୈଠକ କରି ଆଲୋଚନା ହୋଇଥିଲା।



ଖବରଦାତା ସମ୍ମିଳନୀରେ ତ୍ରିନାଥ ପାତ୍ର ଓ ପୂର୍ବତନ କାଉନସିଲର ରାମଚନ୍ଦ୍ର ମାଝି ସୂଚନା ଦେଉଛନ୍ତି।

# ବେଆଇନ ଚାନ୍ଦା ଆଦାୟ ଉପରେ ଲାଗିବ ରୋକେ।

**ମାଲକାନଗିର,୨୩।୯(ଡି.ଏନ୍.ଏ.)**

**ଏସ୍‌ପିଙ୍କ ସହ ବଣିକ ସଂଘ ଆଲୋଚନା**

ମାଲକାନଗିରି ଏସ୍.ପି. ନିତିଶ୍ ବାଧ୍ୱାନୀ ଜିଲାର ବିଭିନ୍ନ ବିଷୟ ଉପରେ ମାଲକାନଗିରି ଚାମ୍ବର ଅଫ୍ କମର୍ସର ସଦସ୍ୟଙ୍କ ସହ ଶୁକ୍ରବାର ଆଲୋଚନା କରିଛନ୍ତି। ଆଲୋଚନା ବେଳେ ପୂଜା ସମୟରେ ବେଆଇନ ଚାନ୍ଦା ଆଦାୟ ଉପରେ ରୋକେ ଲାଗିବ ବୋଲି ନିଷ୍ପତ୍ତି ହୋଇଛି। ବଣିକ ସଂଘ ଗଠନ କରିବା ପଛରେ ମୁଖ୍ୟ ଉଦ୍ଦେଶ୍ୟ ନେଇ ସମ୍ପାଦକ ଈଶ୍ୱର ପଟ୍ଟନାୟକ ଏହି ସମୟରେ ସୂଚନା ଦେଇଥିଲେ। ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ବଣିକ ସଂଘର ସହ ଯୋଗ ଆବଶ୍ୟକ। ଆଗାମୀ ଦିନରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ରାସ୍ତା ସୁରକ୍ଷା ଉପରେ ଅନେକ ପଦକ୍ଷେପ ନିଆଯିବ। ପ୍ରତିବର୍ଷ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଥିପାଇଁ ଜନ ସଚେତନତା ନିତାନ୍ତ ଅପରିହାର୍ଯ୍ୟ ବୋଲି ଏସପି କହିଥିଲେ। ଏହି କାର୍ଯ୍ୟକ୍ରମରେ ବଣିକ ସଂଘ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଜନସଚେତନତା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ମାଲକାନଗିରି ସହରରେ ପୂଜା ନାମରେ ଚାନ୍ଦା ଆଦାୟକୁ ସଂଘ ପକ୍ଷରୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଜିଲା ସଦର ମହକୁମାରେ ଶାନ୍ତି ଶୃଙ୍ଖଳାର ସହ ପୂଜା ଆୟୋଜନ ଲାଗି ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ସଂଘ କର୍ମକର୍ତ୍ତା ନିବେଦନ କରଥିଲେ। ଏଥିରେ ଏସ୍‌ପି ସହମତି ପ୍ରକାଶ କରିଥିଲେ। ଏଥିସହ ଗୋଟିଏ ଦିନରେ ପୂଜା ବିସର୍ଜନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ମାଲକାନଗିରି ସହରରେ ପୂଜା ଚାନ୍ଦା ଆଦାୟ ଉପରେ ପ୍ରତିବନ୍ଧକ ଲଗାଇବା ପରେ ଜିଲାର ଅନ୍ୟ ସହରର କେତେକ ପୂଜା ଆୟୋଜନକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମାଲକାନଗିରିର ବ୍ୟବସାୟୀଙ୍କ ସାମଗ୍ରୀ ବୁହା ଗାଡିକୁ ଅଟକାଇବା ସହ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରାଯାଉଛି। ଏ ବିଷୟ ନେଇ ଏସ୍.ପି.ଙ୍କ ସହ ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା। ଅଭିଯୋଗକୁ ଏସପି ଗୁରୁତର ସହ ଗ୍ରହଣ କରି ଏ ସମ୍ପର୍କରେ ସେ ଜିଲାର ସମସ୍ତ ଥାନା ଓ ଫାଣ୍ଡିକୁ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେବେ ବୋଲିକହିଥିଲେ।



ବଣିକସଂଘ କର୍ମକର୍ତ୍ତା ଏସପିଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି ।

### ଓଡ଼ିଶା ସୀମାନ୍ତରେ ପଶୁଛି ଛତିଶଗଡ଼ ଗଛ କାଟିନେବା ଘଟଣାର ଅନୁଧାନକଲେ ତହସିଲଦାର

**ମାଥିଲି, ୨୩।୯(ଡି.ଏନ.ଏ.)**

ଓଡ଼ିଶା ସୀମାନ୍ତ କୋରାପୁଟ ଜିଲାର କୋଟିଆ ଉପରେ ଆନ୍ଧ୍ରର ନଜର ପରେ ଏବେ ଛତିଶଗଡ଼ର ନଜର ପଡିଛି ମାଲକାନଗିରି ଜିଲାର ମାଥିଲି ଉପରେ। ଛତିଶଗଡ଼ର ଲୋକେ ଓଡ଼ିଶା ସୀମାରେ ପ୍ରାୟ ୩କି.ମି. କମାରପାଲିକୁପଶିଆସିଗଛ କାଟି ନେଇଛନ୍ତି। ଗୁରୁବାର ଛତିଶଗଡ଼ର ଚିନ୍ତାଲନାଡର ଶତାଧିକ ଗ୍ରାମବାସୀ ଓଡ଼ିଶା ସୀମାରେ ପଶି ଶତାଧିକ ଗଛ କାଟି ନେଇଥିଲେ। ଏହି ଘଟଣା ଜଣାପଡିବା ପରେ ଆଲୋଡନ ସୃଷ୍ଟି ହୋଇଛି। ଏହି ଖବର ଜାଣିବା ପରେ ଶୁକ୍ରବାର ମାଥିଲି ତହସିଲଦାର ଚନ୍ଦନ କୁମାର ଭୋଇ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛନ୍ତି। ଏପରି କାର୍ଯ୍ୟରୁ ନିବୃତ୍ତ ରହିବାକୁ କମାରପାଲି ଲୋକଙ୍କୁ ତାଗିଦ କରି ଗଛକଟା ବନ୍ଦ କରାଇଛନ୍ତି। ଏନେଇ ସେ ଜିଲା ପ୍ରଶାସନକୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ମଧ ଅନେକଥର ଛତିଶଗଡ଼ ଓଡ଼ିଶାକୁ ପ୍ରବେଶ କରୁଥିବା ନଜିର ରହିଛି। ମାଲକାନଗିରି ଜିଲା ପ୍ରଶାସନ ଏ ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଚିତ୍ରକୋଣ୍ଡା,୨୩।୯(ଡି.ଏନ.ଏ.)– ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଧୁଳିପୁଟ ପଞ୍ଚାୟତର ଧାକୁଡୁପାଲି ଗ୍ରାମର ମାସୁରୁ ଖରା(୫୦) ଗତ ମଙ୍ଗଳବାର ଗ୍ରାମ ନିକଟସ୍ଥ ଚିକପଣଷା ନଦୀକୁ ମାଛ ମାରିବାକୁ ଯାଇଥିଲେ। ହଠାତ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀ ସ୍ରୋତରେ ଭାସିଯାଇ ନିଖୋଜ ଥିଲେ। ପରିବାର, ଗ୍ରାମବାସୀ, ପୋଲିସ ଓ ଅଗ୍ନିଶମ ଟିମ୍ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। କୋରାପୁଟର ଏକ ସ୍ୱତନ୍ତ୍ର ଟିମ ଖୋଜାଖୋଜି କରି ଶୁକ୍ରବାର ମାସୁରଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରାମର୍ଶ



ସ୍ୱାଗତ ଉତ୍ସବରେ ଉପସ୍ଥିତ ଛାତ୍ରୀମାନେ ।

**ଜୟପୁର,୨୩।୯ (ନି.ପ୍ର.)**

**ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ**

ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ନବାଗତ ଯୁକ୍ତ ୨ କଳା ଓ ବିଜ୍ଞାନ ଛାତ୍ରୀମାନଙ୍କ ନିମନ୍ତେ ଏକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ମନୋରମା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଇତିହାସ ବିଭାଗ ଅଧାପିକା ଡ. କନକଲତା ମହାପାତ୍ର ପରିଚାଳନା କରିଥିଲେ। ଅଧକ୍ଷ ନବାଗତ ଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ+୨ ସ୍ତରରେ ଛାତ୍ରମାନଙ୍କ କର୍ତ୍ତବ୍ୟ ଓ ବିଭିନ୍ନ ନୀତିନିୟମ ସମ୍ପର୍କରେ ବୁଝାଇଥିଲେ। ନବାଗତ ଛାତ୍ରୀମାନେ ଉତ୍ତମ ଆଚରଣ, କଠିନ ପରିଶ୍ରମ, ସମୟାନୁବର୍ତ୍ତୀ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ପରାମର୍ଶ ଦେଇଥିଲେ। ଅଧାପକ ଡ. ମନୋରଞ୍ଜନ ପ୍ରଧାନ କଲେଜରେ ରାଗିଂ ସମ୍ପର୍କରେ ଆଲୋଚନାକରି ରାଗିଂ ଏକ ଆପରାଧିକ କାର୍ଯ୍ୟକଳାପ। ଏହା ଶିକ୍ଷାର୍ଥୀମାନଙ୍କୁ ବିପଥଗାମୀ କରାଏ। ଏଭଳି କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଥିବା ପିଲାଙ୍କ ପାଇଁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଥିବା ସୂଚନା ଦେଇଥିଲେ। ଅଧାପିକା ଡ. କନକଲତା ମହାପାତ୍ର +୨ ସ୍ତରରେ ଥିବା ପରୀକ୍ଷା ବ୍ୟବସ୍ଥା, ପ୍ରଶ୍ନପତ୍ରର ସ୍ୱରୂପ ଓ ପରୀକ୍ଷାଫଳ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ଅଧାପକ ଆନନ୍ଦିଆ ଶବର, ରାଜଲକ୍ଷ୍ମୀ ଭୋଳ, ଭକ୍ତିଲତା ରାଉତ,ସୀମା ମହାପାତ୍ର, ସୁନିତା ପ୍ରଧାନ, ଗୌରୀ ପାଢ଼ୀ, ପଲ୍ଲବୀ ଖାଡଙ୍ଗା, ଶୁଭାଙ୍ଗିନୀ ମିଶ୍ର, ଶୁଭଶ୍ରୀ ତ୍ରିପାଠୀ, ମିନତିପାଢ଼ୀ, ଆଲୋକ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବୀମାଭୁକ୍ତ ପରିବାର ପାଇଲେ ୨ ଲକ୍ଷ ସହାୟତା

**ମାଲକାନଗିରି, ୨୩।୯(ସ୍ୱ.ପ୍ର.)**

**ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା**

କେନ୍ଦ୍ର ତଥା ରାଜ୍ୟ ସରକାର ଜନକଲ୍ୟାଣ ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ସରକାରଙ୍କର ରହିଛି। ଜୀବନ ବୀମା ହେଉଛି କେନ୍ଦ୍ର ସରକାରଙ୍କ ଅନ୍ୟ ଏକ ଯୋଜନା। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ବୀମା ଭୁକ୍ତ ପରିବାରକୁ ନିକଟରେ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେରପଲି ପଞ୍ଚାୟତର ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମୁକେ ମାଡକାମୀ ମାଲକାନଗିରି ଷ୍ଟେଟ ବ୍ୟାଙ୍କରେ ଏହି ଯୋଜନାରେ ବୀମା କରିଥିଲେ । ସେ ପ୍ରତିବର୍ଷ ୩୩୦ ଟଙ୍କା ବୀମା ରାଶି ପଇଠ କରୁଥିଲେ। କୌଣସି କାରଣ ଯୋଗୁ ମୁକେଙ୍କ ମୃତ୍ୟୁ ହୋଇଥିଲା। ବୀମା ନିୟମ ଅନୁଯାୟୀ ଶୁକ୍ରବାର ସମ୍ପୃକ୍ତ ମହିଳାଙ୍କ ସାମୀ ରାମଚନ୍ଦ୍ର ମଡକାମିଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଷ୍ଟେଟ ବ୍ୟାଙ୍କର ମାଲକାନଗିରି ଶାଖା ମୁଖ୍ୟ ପରିଚାଳକ ସ୍ୱପ୍ନାରାଣୀ ସିକଦାର, ଓଡିଶା ଜୀବିକା ମିଶନର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବାଲାଜୀ ପଟ୍ଟନାଏକ, ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ରୋଜାଲିନ ଦାସ, ପ୍ରତାପ ନାଏକ, ବ୍ୟାଙ୍କ ମିତ୍ର ବାସନ୍ତୀ ଧାକଡ ପ୍ରମୁଖ ଉପସ୍ଥିତ ଥିଲେ।

## ଆପ୍ ପକ୍ଷରୁ ବିକ୍ଷୋଭ, ଦାବିପତ୍ର ପ୍ରଦାନ




ଆପ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା

**ମାଲକାନଗିର,୨୩।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା ମାଥିଲି ସଦର ବ୍ଲକରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଗଣ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ସଭାପତି କେ. ଦେଶିରାଜୁ ଆଚାରୀଙ୍କ ନେତୃତ୍ୱରେ ବିଭିନ୍ନ ଦାବିନେଇ ଏହି ବିକ୍ଷୋଭ କରାଯାଇଥିଲା। ମାଥିଲି ସଦର ଶହୀଦ ଲକ୍ଷ୍ମଣ ନାୟକ ଛକଠାରୁ ବିଡିଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ହୃଷିକେଶ ଗଣ୍ଡଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଉଲ୍ଲେଖ ରହିଛି ଯେ, ହଦଳୀକୁଣ୍ଡ ଅଜଣା ରୋଗରେ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ମୃତକ ପରିବାରଙ୍କୁ କ୍ଷତିପୂରଣ ବାବଦକୁ ୮ ଲକ୍ଷ ଟଙ୍କା ପ୍ରଦାନ, ପ୍ରଧାନମନ୍ତ୍ରୀ, ବିଜୁ ପକ୍କା ଘର ଦେବା, ସାଳିମି ପଞ୍ଚାୟତରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରିବା, ପଞ୍ଚାୟତର ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି, ଅଜଣା ରୋଗର ଚିହ୍ନଟ କରି ଅଂଚଳବାସୀଙ୍କୁ ଭୟମୁକ୍ତ କରିବା, ହଳଦୀକୁଣ୍ଡ ଗ୍ରାମରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣି ପ୍ରତ୍ୟେକ ସାହିରେ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ଆପ୍‌ର ମାଥିଲି ବ୍ଲକ ସଭାପତି ସୁନ୍ତୁ କୁମାର ବିଶ୍ୱାସ, ରବିନ୍ଦ୍ରନାଥ ମାଡି, ଉତ୍ସବାନନ୍ଦ ଚୌଧୁରୀ, ପ୍ରସନଜିତ ବିଶ୍ୱାସ, ବିକ୍ରମ ପଟ୍ଟନାୟକ, ଅଜିତ ସଗରିଆ ସାମିଲ ହୋଇଥିଲେ।

## ପାନୀୟ ଜଳ, ପରିମଳ ବ୍ୟବସ୍ଥାରେ ଉନ୍ନତି ନେଇ ଗୁରୁତ୍ୱାରୋପ

**କୋରାପୁଟ,୨୩।୯(ସ୍ୱ.ପ୍ର.)**

**କୋରାପୁଟ ପୌର ପରିଷଦ କାଉନସିଲ ବୈଠକ**

କୋରାପୁଟ ପୌର ପରିଷଦର କାଉନସିଲ ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାର ଉନ୍ନତି ନେଇ ଗୁରୁତ୍ୱରୋପ କରାଯାଇଥିଲା । ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ, ଉପଧକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଏମ୍ପି ପ୍ରତିନିଧି ଜୟନ୍ତ କଟିମଙ୍କ ସହିତ ସମସ୍ତ କାଉନସିଲରମାନେ ଉପସ୍ଥିତ ରହି ଜୁନରୁ ଅଗଷ୍ଟ ପର୍ଯ୍ୟନ୍ତ ପରିଷଦର ଆୟବ୍ୟୟ ମଞ୍ଜୁର ହୋଇଛି। ସହରର ବିଭିନ୍ନ ୱାର୍ଡରେ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଉତ୍କଟ ହୋଇଛି। ଏଦିଗରେ ଟେଣ୍ଡର ନେଇଥିବା ଠିକାଦାର ଠିକ ଭାବେ କାର୍ଯ୍ୟ କରୁନଥିବାରୁ ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ପରେ ନୂତନ ଟେଣ୍ଡର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ସେହିପରି ଚନ୍ଦନ ପୋଖରୀ ପାର୍କର ସୌନ୍ଦର୍ଯ୍ୟକରଣ , ମଶାଣି ରାସ୍ତା ଓ ମଶାଣିକୁ ଆସୁଥିବା ଲୋକଙ୍କ ପାଇଁ ନୂତନ ଭାବେ ସେଡ ନିର୍ମାଣ, ଜିମନାଜିମର ଉନ୍ନତି ଓ ବ୍ୟାୟାମ ସରଞ୍ଜାମ ଯୋଗାଇ ଦେବା ନେଇ ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ହୋଇଥିଲା । ସେହିପରି ମୁକ୍ତା ଯୋଜନାରେ ସହରର ବିଭିନ୍ନ ସ୍ଥାନରେ ଖାଲିଥିବା ସରକାରୀ ଜମିଗୁଡିକର ସୁରକ୍ଷା ନେଇ ପଦକ୍ଷେପ ନେବା, ସହରରେ ଥିବା ବିଭିନ୍ନ ସ୍ଥାନରେ ରହିଥିବା ବିପଦସଙ୍କୁଳ ବିଦ୍ୟୁତ ପୋଲ ହଟାଇ ସେହିସ୍ଥାନରେ ନୂତନ ପୋଲ ପୋତାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ସହରର ବିଧାୟକଙ୍କ ବାସଭବନ ସମ୍ମୁଖରେ ଭେଣ୍ଡିଂ ଜୋନ ନିର୍ମାଣ, ବିଭିନ୍ନ ୱାର୍ଡରେ ଭେଣ୍ଡିଂ ଜୋନ ନିର୍ମାଣ, ହୋଲଡିଂ ଟିକସର ନବୀକରଣ, ରାସ୍ତାଘାଟ ଓ ଡ୍ରେନଗୁଡିକର ଉନ୍ନତି ନେଇ ବୈଠକରେ କାଉନସିଲରମାନେ ଗୁରୁତ୍ୱରୋପ କରିଥିଲେ।



ପୌର ପରିଷଦବୈଠକରେ ଉପସ୍ଥିତ ଅଧକ୍ଷଙ୍କ ସହ ଅନ୍ୟମାନେ।

## ରାସ୍ତା ଅବରୋଧ କରି ବ୍ୟାବସାୟ, ୨ ଦୋକାନ ସିଲ୍ କଲା

**ଜୟପୁର, ୨୩।୯ (ନି.ପ୍ର.)**

ଜୟପୁର ସହରର ବେଲରୋଡରେ ଥିବା ୨ଟି ଦୋକାନକୁ ପୌର ପ୍ରଶାସନ ଶୁକ୍ରବାର ସିଲ କରିଛି। ଏଠାରେ ବ୍ୟବସାୟ କରୁଥିବା ୨ବ୍ୟବସାୟୀ ରାସ୍ତା ଅବରୋଧ କରି ବ୍ୟବସାୟ ଚଳାଇଥିଲେ। ଏନେଇ ପୌର ପାଳିକା ତରଫରୁ ଅନେକ ଥର ସେମାନଙ୍କୁ ବାରଣ କରାଯାଇଥିଲେ ମଧ ସେମାନେ ରାସ୍ତା ଉପରେ ଅବରୋଧ କରି ବ୍ୟବସାୟ ଜାରି ରଖିଥିଲେ। ଏନେଇ ପୌର ପାଳିକା ନିକଟରେ ଅଭିଯୋଗ ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଚଢାଉ କରି ଦୋକାନ ସିଲ୍ କରିଛନ୍ତି ।

# କଥା ଦେଇ କଥା ରଖୁଛନ୍ତି ସରପଞ୍ଚ

**ଦଶମନ୍ତପୁର,୨୩।୯ (ଡି.ଏନ୍.ଏ.)**

ନିର୍ବାଚନ ସମୟରେ ମତଦାତାଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ଭୋଟ ହାତେଇ ପରବର୍ତ୍ତୀ ସମୟରେ ନେତାମାନେ ଭୁଲିଯାଆନ୍ତି। ମାତ୍ର କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଏକ ପଞ୍ଚାୟତର ଏପରି ଜଣେ ସରପଞ୍ଚ ନିର୍ବାଚିତ ହୋଇଛନ୍ତି ସେ ଭୋଟ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ଭୁଲିନାହାନ୍ତି। ଗୋଟିଗୋଟି କରି ସବୁ ପ୍ରତିଶ୍ରୁତି ପୂରଣ କରିବାକୁ ପଣ କରିଛନ୍ତି। ଏଥିପାଇଁ ସେ ପ୍ରଥମେ ପଞ୍ଚାୟତର ସମସ୍ତ ୧୧ଟି ଗ୍ରାମରେ ଷ୍ଟ୍ରିଟ୍ ଲାଇଟ ଲଗାଇବାକୁ ପଦକ୍ଷେପ ନେଇଛନ୍ତି। ସେ ହେଉଛନ୍ତି ଡୁମ୍ବାଗୁଡା ପଞ୍ଚାୟତର ସରପଞ୍ଚ କୁନି ମୁଦୁଲି।

ଏ ସମ୍ପର୍କରେ ସେ କହନ୍ତି, ଲୋକମାନେ ମୋ ଉପରେ ଭରସାକରି ଭୋଟ ଦେଇଛନ୍ତି। ସବୁ ଗ୍ରାମର ଉନ୍ନତି ପାଇଁ ମୁଁ କାର୍ଯ୍ୟ କରିବି। ଏବେ ଷ୍ଟ୍ରିଟ୍‌ଲାଇଟ ଲଗାଇବା କାର୍ଯ୍ୟ ଆରମ୍ଭ କରିଛି। ଆଗକୁ ଅନ୍ୟ ସବୁ ଉନ୍ନୟନମୂଳକ କାର୍ଯ୍ୟ ମଧ ହେବ। ଭଣ୍ଡିସିଲ ଏବଂ ସଙ୍ଗାବାଡ ଗ୍ରାମକୁ ୩ଟି ଷ୍ଟ୍ରିଟ୍ ଲାଇଟ ପ୍ରଦାନ କରାଯାଇଥିବା ବେଳେ ଡମ୍ବାଗୁଡ଼ାକୁ ୧୪, ହାତୀମୁଣ୍ଡା ୫, ବଡ଼ବାଗ୍ରୀ ୧୧, ଭିତରବାଗ୍ରୀ ୯, ଲେଗଛ ୨, ନାଳମାରି ୪, ପାତ୍ରବାଗ୍ରୀ ୩, ବେରେଙ୍ଗାଫୁଟ ୧, କାଳିଆମ୍ବକୁ ୫ ଷ୍ଟ୍ରିଟ୍ ଲାଇଟ ପ୍ରଦାନ କରାଯାଇଛି। ସବୁ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ଲାଗିଗଲାଣି ବୋଲି ସରପଞ୍ଚ କୁନି ପ୍ରକାଶ କରିଛନ୍ତି। ଆମ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଅନେକ ସମସ୍ୟା ରହିଛି। ସେସବୁର ସମାଧାନ ନେଇ ସେ କୋଡ଼ିଙ୍ଗାମାଳି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। କୋଡ଼ିଙ୍ଗାମାଳି ନିର୍ଦ୍ଦେଶକ ଏବଂ କର୍ମଚାରୀଙ୍କ ବିଭିନ୍ନ ସ୍ଥାନରେ ସ୍ଥିତି ଅନୁଧାନ କରିଛି। ଆମ ପଞ୍ଚାୟତରେ କୌଣସି ଟାୱାର ନ ଥିବାରୁ ପିଲାମାନେ ଅନ୍‌ଲାଇନରେ ପାଠ ପଢ଼ିବା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଳମାରୀ, ଭିତରବାଗ୍ରୀ ଏବଂ ଡୁମ୍ବାଗୁଡାରେ ନେଟ୍‌ୱର୍କ ବ୍ୟବସ୍ଥା ହେବାର ଆବଶ୍ୟକତା ରହିଛି। ଏଥିପ୍ରତି ମଧ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ।



ଭିତରବାଗ୍ରୀ ଗ୍ରାମରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ।

